*ନିଜ ପାଇଁ ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ସହ ଏକ ଅନ୍ତରଙ୍ଗ ଆଳାପ*

# ମେଜର୍ କ୍ଷୀରୋଦ ପ୍ରସାଦ ମହାନ୍ତି

**ଜନ୍ମ:** ୦୨ , ଜୁଲାଇ ୧୯୩୮

ସ୍ଥାନ- ଘଟଗାଁ

**ପିତା** - ସ୍ୱର୍ଗତ ଗୁରୁ ଚରଣ ମହାନ୍ତି

**ମାତା**-ସ୍ୱର୍ଗୀୟା ହୀରାମଣି ମହାନ୍ତି

କର୍ମକ୍ଷେତ୍ର-

୧୯୬୧- ୧୯୮୮ - ପ୍ରାଣନାଥ କଲେଜ,ଖୋରଧା

୧୯୮୮ - ୧୯୯୧ - କେ.ବି.ଡି.ଏ ଭି କଲେଜ, ନିରାକାରପୁର

୧୯୯୧- ୧୯୯୪ ବାଙ୍କି କଲେଜ

୧୯୯୪ -୧୯୯୮ -ପ୍ରାଣନାଥ କଲେଜ

୧୯୯୮ -୨୦୦୧ - ସ୍ୱତନ୍ତ୍ର ପଦାଧିକାରୀ ଓ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

ସମ୍ମାନ- ରାଜ୍ୟ ସ୍ତରୀୟ ପ୍ରାଣନାଥ ସମ୍ମାନ, 'ସମୟ'ର ଗୋପୀନାଥ ମହାନ୍ତି ସାହିତ୍ୟ ପୁରସ୍କାର, ବିଷୁବ ମିଳନ ପ୍ରଜାତନ୍ତ୍ର ପ୍ରଚାର ସମିତି ପୁରସ୍କାର , ଓଡ଼ିଶା ଏକ୍ସପ୍ରେସ୍ ପୁରସ୍କାର, ଏନ୍.ସି.ସି. ଜୀବନବ୍ୟାପି ସମର୍ପିତ କାର୍ଯ୍ୟ ପାଇଁ ପୁରସ୍କାର, ଏନ୍.ସି.ସି. ଭାରତ - କାନାଡ଼ା ଯୁବ ବିନିମୟ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର ଏବଂ ଅନ୍ୟାନ୍ୟ ପୁରସ୍କାର

ପ୍ରଶ୍ନ- 'ଆମରିସତ୍ୟ' ପରିବାର ପକ୍ଷରୁ ଆପଣଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛୁ । ଆପଣ ଆମ ରାଜ୍ୟର ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍, ଅତୀତରେ ଅଧ୍ୟାପନା କରିଛନ୍ତି, ଶିକ୍ଷା ପ୍ରଶାସକ ଭାବରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏଣୁ ଆମ ପରିବାର ଆଶା କରିବ ଯେ ଆପଣ ଆପଣଙ୍କର ଶିକ୍ଷକ ଜୀବନର କେତେକ ଅନୁଭୂତି ଆମରିସତ୍ୟର ପାଠକମାନଙ୍କ ପାଇଁ ପ୍ରକାଶ କରିବେ । ଆପଣଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ସେମାନଙ୍କୁ ଅନୁପ୍ରାଣିତ କରିବା ସଂଗେ ସଂଗେ ଉତ୍ସାହିତ କରିବ ।

ଉତ୍ତର- ଧନ୍ୟବାଦ । ଆମରିସତ୍ୟ ପରିବାରକୁ ଅଭିନନ୍ଦନ । ବିଶେଷକରି ଆମ୍ଭମାନଙ୍କ ପରି କେତେକଙ୍କର ଅନୁଭବ ପାଠକମାନଙ୍କ ପାଖରେ ଉପସ୍ଥାପିତ କରିବାର ପ୍ରୟାସ ନିଶ୍ଚିତ ଭାବରେ ଏକ ପ୍ରଶଂସନୀୟ ପଦକ୍ଷେପ ।

ମୁଁ ଶିକ୍ଷକଟିଏ କି ଅଧ୍ୟାପକଟିଏ ହେବି ବୋଲି ଭାବିନଥିଲି । ସ୍ୱାଭାବିକ ଭାବରେ ସ୍ନାତକତ୍ତୋର ଡିଗ୍ରୀ ହାସଲ କରିଲା ପରେ ସର୍ବଭାରତୀୟ ପ୍ରଶାସନିକ ସେବା ଅଥବା ରାଜ୍ୟ ପ୍ରଶାସନିକ ସେବାରେ ଯୋଗ ଦେବାକୁ ଋହିଁଥାଏ । ମୋ ଜୀବନରେ ଏକଥା ଘଟିଥିଲା - ରାଜ୍ୟ ପ୍ରଶାସନ ସେବାରେ ଯୋଗ ଦେବା ପାଇଁ ମନୋନୀତ ହୋଇଥିଲି । କିନ୍ତୁ ସେପରି ମନୋନୟନକୁ ଗ୍ରହଣ କରିପାରି ନ ଥିଲି । ମୋର ବଡ଼ଭାଇ ସାମରିକ ବିଭାଗର ଜଣେ ଡାକ୍ତର ଥିଲେ । - ଆମ୍ଭମାନଙ୍କର ପିଲାଦିନରୁ ପୂଜ୍ୟ ବାପା ଆମକୁ ଛାଡ଼ି ଏ ସଂସାରରୁ ବିଦାୟ ନେଇଥିଲେ । ଏଣୁ ବଡ଼ଭାଇ ପରାମର୍ଶଦେଲେ ଯେ ମୁଁ ରାଜ୍ୟର ଗୋଟିଏ ସ୍ଥାନରେ ବୃତ୍ତିଟିଏ କରିବା ଆବଶ୍ୟକ । କାରଣ ପରିବାରର ଯିଏ ଯେତେବେଳେ ଋହିଁବ ମୋ ପାଖରେ ଆସି ରହି ପାରିବ । ସେତେବେଳକାର ଖୋରଧା କଲେଜର ରାଜନୀତି ବିଜ୍ଞାନ ବିଭାଗରେ ମୋତେ ଅଧ୍ୟାପକଭାବରେ ବୃତ୍ତିଟିଏ ମିଳିଲା । କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ମୋତେ ଅଧ୍ୟାପକଟିଏ ହେବା ପାଇଁ ଉତ୍ସାହିତ କଲେ । ମୁଁ ଅଧ୍ୟାପକଟିଏ ହେଲି । ହେଉ ହେଉ ଅଧ୍ୟାପକର ସିଢ଼ିରେ ଚଢ଼ିକରି ଶେଷରେ ଜଣେ ସଫଳ ଅଧ୍ୟାପକ ଭାବରେ ପ୍ରତିଷ୍ଠିତ ହେଲି । ମୋ ଶିକ୍ଷକ, ଅଧ୍ୟାପକମାନଙ୍କପରି ମୁଁ ମେଧାବୀ ନଥିଲି । କିନ୍ତୁ ଅଧ୍ୟାପନାରେ କୃତିତ୍ୱ ହାସଲ କରିବି ବୋଲି ମୋର ଯେଉଁ ଝୁଙ୍କ ପଶିଲା, ମୁଁ ଆଉ ପଛକୁ ଫେରି ଋହିଁଲିନି । ମୋର ଯେଉଁମାନେ ଅଧ୍ୟାପକ ଥିଲେ, କିଛି ନାମ ନେଉଛି, ସ୍ୱର୍ଗତ ଡକ୍ଟର୍ ଶ୍ରୀରାମଚନ୍ଦ୍ର ଦାଶ, ସ୍ୱର୍ଗତ ଡକ୍ଟର୍ କେ.ଭି ରାଓ, ସ୍ୱର୍ଗତ ଡକ୍ଟର୍ ସଦାଶିବ ମିଶ୍ର, ସ୍ୱର୍ଗତ ଡକ୍ଟର୍ ଗଣେଶ୍ୱର ମିଶ୍ର, ସ୍ୱର୍ଗତ ପ୍ରଫେସର୍ ବିଧୁ ଭୂଷଣ ଦାସ, ସ୍ୱର୍ଗତ ଡକ୍ଟର୍ ମନ୍ମଥନାଥ ଦାସ, ସ୍ୱର୍ଗତ ପ୍ରଫେସର ଓ.ପି.ଓବ୍ରାଇନ୍, ସ୍ୱର୍ଗତ ସର୍ବେଶ୍ୱର ଦାସ, ସ୍ୱର୍ଗତ ନଟବର ସାମନ୍ତରାୟ, ସ୍ୱର୍ଗତ ପ୍ରଫେସର୍ ସୁବ୍ରମଣ୍ୟମ୍, ସ୍ୱର୍ଗତ ଜାକବ୍, ଶ୍ରୀ ପଠାଣି ପଟ୍ଟନାୟକ, ପ୍ରଭୃତି ଅତି ବିଦ୍ୱାନ ଥିଲେ । ମାଟ୍ରିକୁଲେସନଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କୌଣସି ସ୍ତରରେ ଦ୍ୱିତୀୟ ସ୍ଥାନ ପାଇନଥିଲେ । ମୁଁ ସେମାନଙ୍କ ସହିତ ଆଦୌ ସମକକ୍ଷ ନଥିଲି ।

ଶିକ୍ଷକଟିଏ ହେବି ବୋଲି କେତେବେଳେ କେତେବେଳେ ଏପରି ସ୍ପୃହା ଆସିଛି ତାକୁ ପ୍ରକାଶ ନକରି ରହି ପାରୁନି । ମାଟ୍ରିକୁଲେସନ ପଢ଼ିଲାବେଳେ ଗ୍ରୀଷ୍ମ ଅବକାଶ ସମୟରେ ଗାଁ ପିଲାମାନଙ୍କୁ ପଢ଼େଇଥାଏ । ସେମାନେ ମୋ ସାଙ୍ଗସାଥି ଥିଲେ । ମୋତେ ମାନୁଥିଲେ । ମୁଁ ଯାହା ପଢ଼ାଉଥିଲି ମୋତେ କୃତଜ୍ଞତା ଜଣାଉଥିଲେ । ବୋଧହୁଏ ମୋ ପାଠ ପଢ଼ିବାର ଶୈଳୀ ସେମାନଙ୍କୁ ଆକର୍ଷିତ କରୁଥିଲା । ପ୍ରାୟ ଚାଳିଶ ବର୍ଷ ମୁଁ ଅଧ୍ୟାପକ ରହିଛି, ଅଧ୍ୟକ୍ଷ ହୋଇଛି, କୁଳପତି ହୋଇଛି । କିନ୍ତୁ ଏ ସବୁ ପଦବୀରେ ମୁଁ ମୋ ନିଜକୁ ଶିକ୍ଷକ ପରିବାରର ଜଣେ ବୋଲି ବିଋର କରିଥାଏ । ମୋ ଜୀବନ ପାଇଁ ମୁଁ ଗୋଟିଏ ଆଦର୍ଶ

ବାଛି ନେଇଛି। ତାହା ହେଉଛି ସମସ୍ତଙ୍କ ନିକଟତର ହେବି। ସେ ଛାତ୍ର କି ଛାତ୍ରୀ ହେଉ ମୋର ସହକର୍ମୀ ହୁଅନ୍ତୁ, ମୋର ଗୁରୁ ହୁଅନ୍ତୁ, ମୋର ଅଭିଭାବକ, ଦିଗ୍ ଦର୍ଶକ କି ଉପରିସ୍ଥ କର୍ମକର୍ତ୍ତା ହୁଅନ୍ତୁ। ଏପରି କଥାଟି ମୁଁ କରିଛି କାରଣ ମୋର ଦିଗ୍‌ଦର୍ଶକ ଭାବରେ ଅନୁପ୍ରାଣିତ କରିଛନ୍ତି ମୋତେ ସ୍ୱର୍ଗତ ଡକ୍ଟର ପ୍ରାଣକୃଷ୍ଣ ପରିଜା , ସ୍ୱର୍ଗତ ବାମା ଚରଣ ଦାସ, ସ୍ୱର୍ଗତ ସଦାଶିବ ମିଶ୍ର, ସ୍ୱର୍ଗତ ଡକ୍ଟର ବଂଶୀଧର ସାମନ୍ତରାୟ, ସ୍ୱର୍ଗତ ମୃତ୍ୟୁଞ୍ଜୟ ମହାପାତ୍ର, ସ୍ୱର୍ଗତ ଡକ୍ଟର ଅମୂଲ୍ୟ କୃଷ୍ଣ ମିଶ୍ର ଏବଂ ସ୍ୱର୍ଗତ ବିଚିତ୍ରା ନନ୍ଦ ନନ୍ଦ ପ୍ରମୁଖ।

ଛାତ୍ର ସମାଜ ସହ ନିବିଡ଼ ଓ ମନଖୋଲା ସମ୍ପର୍କ ମୋତେ ବହୁତ ଆନନ୍ଦ ଦେଇଥାଏ। ସେମାନଙ୍କ ମନସ୍ତତ୍ତ୍ୱ ତଥା ମାନସିକତା ମୁଁ ଅନୁଭବ କଲାପରେ ଯାଇ ସେମାନଙ୍କୁ ଉପଦେଶ ଛଳରେ ଅନେକ କଥା କହି ସେମାନଙ୍କର ଭବିଷ୍ୟତ ଜୀବନ ଗଢ଼ିବାକୁ ରହିଁଥାଏ। କଲେଜ ଶିକ୍ଷକ କି ଅଧକ୍ଷ ଭାବରେ ମୋ ଛାତ୍ରଙ୍କୁ ମୁଁ ମାରିଛି। ସ୍ନେହ ଓ ଶ୍ରଦ୍ଧା ବି କରିଛି। କୋଳେଇ କାଖେଇ ନେଇଛି। କିନ୍ତୁ ମୋର ଆଭିମୁଖ୍ୟରୁ ମୁଁ କେବେ ଘୁଞ୍ଚି ଯାଇନି। ସ୍ୱର୍ଣ୍ଣ ପଦକ ଲାଭ ନ କରିଥାଏ ପଛେ, ସବୁ ପରୀକ୍ଷାରେ ପ୍ରଥମ ହୋଇ ନଥାଏ ପଛେ, କେବଳ ଶିକ୍ଷକ ଭାବରେ ମୋ ପରିଚୟ ନିଜେ ସୃଷ୍ଟି କରିପାରିଛି।



ଏବେ କିନ୍ତୁ ଦ୍ୱନ୍ଦରେ ପଡ଼ିଛି। ଅବସର ଜୀବନରେ ବହୁତ କଥା ଜାଣିବାପାଇଁ ଓ ପଢ଼ିବାପାଇଁ ସୁଯୋଗ ଆସୁଛି। ନୂଆ ତଥ୍ୟଟିଏ ଜାଣିଲେ ମନରେ ପ୍ରଶ୍ନ ଉଙ୍କିମାରୁଛି , ଏକଥାକୁ ତ ମୋ ଛାତ୍ରଛାତ୍ରୀଙ୍କୁ କହିପାରି ନାହିଁ। ତେବେ ମୁଁ ଅଧ୍ୟାପନା କରିବାପାଇଁ କିପରି ଯୋଗ୍ୟ ହେଲି ? ଶିକ୍ଷକ କି ଅଧାପାକର କାର୍ଯ୍ୟ ଦକ୍ଷତାକୁ ଛାତ୍ରଛାତ୍ରୀମାନେ ମାପିବେ ଜାଣି ଅନେକ ନାକ ଟେକୁଛନ୍ତି। ମୁଁ ଭାବେ ସେମାନେ ତ ପ୍ରକୃତରେ ଶିକ୍ଷକ ଓ ଶିକ୍ଷିକାମାନଙ୍କର ପରୀକ୍ଷକ। ଆମ ଛାତ୍ରଛାତ୍ରୀମାନେ ଭଲ ମଣିଷ ହେଲେ, ସେମାନେ ଆମ ଶିକ୍ଷକମାନଙ୍କୁ ଗର୍ବିତ କରିବେ। ଆମେ ତ ଶିକ୍ଷକତ୍ୱ ପରୀକ୍ଷାରେ ପ୍ରଥମରେ ପାସ୍ କରି ଗଲେ ବୋଲି ଅନୁଭବ ଆସିବ।

ଅନେକ ଛାତ୍ରଛାତ୍ରୀ ମୋତେ ଋଣ ପରିଶୋଧ କରିବା ପାଇଁ ସ୍ୱଇଚ୍ଛାରେ ବାହାରି ଆସିଥାନ୍ତି। ଅନୁନୟ ବିନୟ କରିଛନ୍ତି। ସେମାନଙ୍କୁ ମୁଁ ନିରାଶ କରିଛି। ସେମାନଙ୍କ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟି ମୋତେ ପରମ ସନ୍ତୋଷ ଦେଇଥାଏ। ତାଠାରୁ ଅଧିକ କେବେ ମୁଁ ଆଶା କରିନାହିଁ।ଏମିତି ଛାତ୍ରଛାତ୍ରୀ ଅଛନ୍ତି ମୋତେ ଶିକ୍ଷକଭାବେ ସମ୍ମାନ ଦେଇନାହାନ୍ତି। ସମୟ ସମୟରେ ଏଥିପାଇଁ ମନରେ ମୋର ଦୁଃଖ ଆସିଛି। କିନ୍ତୁ ପୁଣି ଭାବିଛି ସେମାନଙ୍କ ପ୍ରତି ମୋର କିଛି ତ୍ରୁଟି ରହିଯାଇଛି।

ପ୍ରଶ୍ନ – ଧନ୍ୟବାଦ। ଆପଣ ଆପଣଙ୍କର ଅଭିଜ୍ଞତା ବେଶ୍ କହି ସାରିଚନ୍ତି। ଏବେ ଅବସର ପ୍ରାପ୍ତ ହୋଇ ଆପଣଙ୍କର ଶିକ୍ଷକ ଜୀବନ କିପରି କଟାଉଛନ୍ତି ?

ଉତ୍ତର – ପ୍ରତ୍ୟକ୍ଷ ଶିକ୍ଷାଦାନ କରିବାର ଏବେ ତ ସମୟ ନାହିଁ। ତଥାପି ସଭାସମିତିମାନଙ୍କରେ କିଛି କହିବାର ସୁଯୋଗ ମିଳିଲେ , ମୁଁ ସେମାନଙ୍କ ଉଦ୍ଦେଶ୍ୟରେ ମୋର ଉପଦେଶ ରଖିଥାଏ। ଅବସର ପରେ ଆମ ସମାଜରେ ସମଗ୍ର ଶିକ୍ଷା ବ୍ୟବସ୍ଥା ନେଇ ଯାହା ମୋର କହିବାର କଥା ତାହା ମୁଁ ସମ୍ବାଦପତ୍ରମାନଙ୍କରେ ଅଗ୍ରଲେଖମାନ ଲେଖି ତାହା ମାଧ୍ୟମରେ ମୋର ବାର୍ତ୍ତା ରଖି ଆସିଅଛି। ଏପରି ଲେଖାମାନଙ୍କୁ ଯେଉଁମାନେ ପସନ୍ଦ କରିଥାନ୍ତି ସେମାନେ ପତ୍ରାଳାପ ମାଧ୍ୟମରେ ମତବିନିମୟ କରିଥାନ୍ତି। ସମୟରେ ଶିକ୍ଷକମାନେ ବାଟ ହୁଡ଼ିଯାଉଛନ୍ତି କହିଲେ ମୋର ସାଥି ଶିକ୍ଷକମାନେ ମତେ ଗାଳି ଦେଇଥାନ୍ତି। ମୁଁ ନମ୍ରତାର ସହ ସେମାନଙ୍କର ସବୁ ସହିଯାଇଥାଏ।

ପ୍ରଶ୍ନ – ଶିକ୍ଷାଦାନ , ଅଧାପନା ,ଶିକ୍ଷକତା ଇତ୍ୟାଦିକୁ ଛାଡ଼ି ଆପଣ ଅନ୍ୟ କେଉଁ ବିଷୟରେ ନିଜକୁ ବ୍ୟସ୍ତ ରଖିଥାଆନ୍ତି ?

ଉତ୍ତର – ଅଧ୍ୟାପକ ପରେ ମୁଁ ସମାଜସେବା ପାଇଁ କେତେକ ଘଟଣାବଳିରେ ନିଜକୁ ସଂପୃକ୍ତ କରିଛି। ଏନ୍.ସି.ସି. ପାଇଁ ମୋର ଗଭୀର ଆଗ୍ରହ ଥିଲା। କ୍ୟାଡ଼େଟ୍ ହେଲି। ଅଫିସର ବି ହେଲି। ଏସବୁ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛି। ଏଥିପାଇଁ ପ୍ରସଂଶିତ ହୋଇଛି। ଏନ୍.ସି.ସି. ଏପରି ଆକର୍ଷିତ କରିଛି ଯେ ଏନ୍.ସି.ସି. କୋଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ ପାଇଥାଏ ନ ଯାଇନଥାଏ ସେ କାର୍ଯ୍ୟକ୍ରମରେ ଯୋଗ ଦେଇଥାଏ। ଏହି କାର୍ଯ୍ୟକ୍ରମଦ୍ୱାରା ଯୁବ ନେତୃତ୍ୱ ସୃଷ୍ଟି ହୋଇପାରିବ। ଏହାର ସୁବିନିଯୋଗ କରାଯାଇପାରିବ।

ଜାତୀୟ ସଂହତିପାଇଁ ଏହାର ଅବଦାନ କମ୍ ନୁହେଁ।ଏନ୍.ଏସ୍.ଏସ୍. ସହ ସିଧାସଳଖଭାବେ ସଂପୃକ୍ତ ନଥିଲେବି ଅଧକ୍ଷଭାବରେ ଏଥିରେ ଯୋଡ଼ି ହୋଇ ଯାଇଛି। ଏହାର ଆଭିମୁଖ୍ୟ 'କେବଳ ମୋ ପାଇଁ ନୁହେଁ ତୁମ ପାଇଁ' ମୋ ମନରେ ଭାବାନ୍ତର ସୃଷ୍ଟି କରିଥାଏ।

୧୯୮୪ରୁ ମୁଁ ରୋଟାରିଆନ୍। ରୋଟାରୀ ଆନ୍ଦୋଳନରେ ମୋର ସକ୍ରିୟ ଯୋଗଦାନ ମୋତେ ବହୁତ ଆନନ୍ଦ ଦେଇଛି।ଏହାର ପ୍ରତିଷ୍ଠାତା ପଲ୍ ହରିଶ୍ , ବାପୁ, ଉତ୍କଳମଣି ଗୋପବନ୍ଧୁ ଓ ମଦର ଟେରେସାଙ୍କ ଆହ୍ୱାନ ମୋତେ ବିହ୍ୱଳିତ କରିଛି। ଏହି ପରିପ୍ରେକ୍ଷୀରେ ରେଡ଼କ୍ରସ୍ ଆନ୍ଦୋଳନ, ରୋଭର୍ସ ଓ ରେଞ୍ଜାରସ୍ ଆନ୍ଦୋଳନରେ ମୁଁ ନିଜକୁ ସାମିଲ କରିଥାଏ। ଯୁବକ ଯୁବତୀମାନେ ଏହି ସବୁ ଆନ୍ଦୋଳନରେ ଭାଗନେଇ ଦେଶପାଇଁ ଓ ନିଜପାଇଁ ପରିଚୟ ସୃଷ୍ଟି କରନ୍ତୁ ଭଗବାନଙ୍କ ନିକଟରେ କରିଥାଏ ପ୍ରାର୍ଥନା।

ପ୍ରଶ୍ନ- ଆପଣ ଯୁବସମାଜକୁ କ'ଣ ବାର୍ତ୍ତା ଦେବାକୁ ଚାହାଁନ୍ତି ?

ଉତ୍ତର - ମୋତେ ୭୫ ବର୍ଷ ହେଲାଣି। ୧୯୯୬ରେ ମୋର ହୃଦରୋଗ ବାଇପାସ୍ ସର୍ଜରୀ ହୋଇଥିଲା। ସମୟ ସମୟରେ ମୋ ମନରେ ଆସେ ମୋ ସମୟ ସାରି ଦେଲିଣି। ଜୀବନର ଗୋଧୂଳିରେ ପହଞ୍ଚି ଗଲିଣି। ତଥାପି ପୁଣି ଭାବିଥାଏ ଯେ ମୁଁ ପଛକୁ ପଡ଼ିଯିବି ନାହିଁ। ଶେଷ ବଲ୍ ଆସିବା ପର୍ଯ୍ୟନ୍ତ ମୁଁ ବ୍ୟାଟିଂ କରୁଥିବି ।

ଏବେ ବି ଇଚ୍ଛା ଆନ୍ତରିକ କାମନା କହିଲେ ଯଥାର୍ଥହେବ, ମୁଁ ଯୁବକ ଓ ଯୁବତୀମାନଙ୍କ ସହିତ ପାଦକୁ ପାଦ ମିଳାଇ ଚାଲିବା ସମୟରେ ସେମାନେ ଯେତେବେଳେ ଉନ୍ମାଦିତ ହୋଇ ବାଟ ହୁଡ଼ି ଯାଉଛନ୍ତି ତାଙ୍କୁ କାନରେ କହି ବାଟ ବତେଇଦେବି। ସେମାନେ ଜାଣନ୍ତୁ ବା ନଜାଣନ୍ତୁ ତାଙ୍କର ମନସ୍ତତ୍ତ୍ୱକୁ ନେଇ ଅନେକ କ୍ଷୁଦ୍ର ଗଳ୍ପ ଲେଖେ। ଏ ଦେଶକୁ, ଜାତିକୁ ଓ ସମାଜକୁ ସେମାନେ ତାଙ୍କ କାନ୍ଧରେ ବୋହିନେବେ। ହାତକୁ ହାତ ମିଳାଇ ଏପରି ସମାଜଟିଏ ଗଢ଼ିବେ ଯେଉଁଠି ଜାତି ଭେଦ ନଥିବ, ସାମ୍ପ୍ରଦାୟିକ ହିଂସା ନଥିବ । ଯେଉଁଠି ମହିଳାମାନେ ଅବଳା ବୋଲି ଭାବିବେ ନାହିଁ। ଯେଉଁଠି ଧର୍ମ ନାମରେ ଜେହାଦି ନଥିବ। ବିଶ୍ୱର ଯୁବକମାନେ ଏକ ଓ ଅଭିନ୍ନ। ଯୁବ ଏକତା ଏକବିଶ୍ୱର ସ୍ୱପ୍ନକୁ ସାକାର କରିବ।

ପ୍ରଶ୍ନ - ଆପଣଙ୍କୁ ଆପଣଙ୍କର ବକ୍ତବ୍ୟ ଉନ୍ମୁକ୍ତତାର ସହିତ ରଖିଥିବା ପାଇଁ ଧନ୍ୟବାଦ ଓ କୃତଜ୍ଞତା। ଶେଷରେ ଆପଣ ଭାରତ ଓ ଜାତି ପାଇଁ କ'ଣ ବାର୍ତ୍ତା ରଖିବେ ?

ଉତ୍ତର - ଭାରତ ଏପରି ଦେଶଟିଏ ହେଉ, ଯାହା ସମଗ୍ର ବିଶ୍ୱକୁ ନେତୃତ୍ୱ ଦେବ। ଭାରତୀୟ ସଂସ୍କୃତିର ମୁଲ୍ୟବୋଧ ସମଗ୍ର ବିଶ୍ୱକୁ ଅର୍ପଣ କରିବ।

ଆପଣଙ୍କୁ ଆମରିସତ୍ୟ ପରିବାର ତରଫରୁ ଧନ୍ୟବାଦ।

(ସାକ୍ଷାତ କରିଥିଲେ ଡଃ ପ୍ରମୋଦ ଚନ୍ଦ୍ର ଦାଶ)

# 'ଖାଇଲେ ନିଶା ଭୋଗିବ ଅନେକ ଦଶା'

ଶାନ୍ତନୁ କୁମାର ଷଡ଼ଙ୍ଗୀ

ନିଶାର ପ୍ରଭାବ ବଢ଼ି ବଢ଼ି ଚାଲେ
ମୃତ୍ୟୁର ବଢ଼େ ତ ହାର ;
ନିଶା ଖାଇ ପରା କରନ୍ତି କୁକର୍ମ
ଭୋଗନ୍ତି ଯେ କାରାଗାର ॥
ମଦ ଓ ଗଂଜେଇ କରିଛି ପାଗଳ
ପାଗଳ ହେଲେ ମଣିଷ ;
ନୀଳକଣ୍ଠ ଭଳି ବିଷକୁ ତ ପିଇ
ହୋଇତ ଯାଆନ୍ତି ଶେଷ ॥
ଗଂଜେଇ ଖାଇଲେ ମାତ ତ କରିବ
ହେଇ ନିଶାରେ ଚୁର ;
ମଦ ତ ଖାଇଲେ ଟଳୁ ଥିବ ପରା
ନ ଜାଣିବ ନିଜ ଘର ॥
ଗାଡ଼ି ଦୁର୍ଘଟଣା ବଢ଼ି ବଢ଼ି ଚାଲେ
ନିଶା ଥା'ନ୍ତି ପରା ଖାଇ ;
ଗାଡ଼ି ରହେନି ନିଜ କଣ୍ଟ୍ରୋଲରେ
ମରନ୍ତି ବାଡ଼େଇ ହୋଇ ॥
ସଂସାର ଭିତରେ ଅଶାନ୍ତିର ଝଡ଼
କେବଳ ନିଶାର ପାଇଁ ;
ସଂସାର ହାଟରେ ଲାଗିଅଛି ନିଆଁ
ନରଖି ପାରିବେ ସାଇଁ ॥
ନିଶା ତ ଖାଇଲେ ସବୁ ନଷ୍ଟ ହେବ
ପଡ଼ିବ ମୃତ୍ୟୁ ମୁଖରେ ;
ଛାଞ୍ଚୁଣୀ ସହିତ ପନିକି ତ ଫିଙ୍ଗି
ନାରୀ ନାଗୁଣୀ ସାଜେରେ ॥
ହାତ ଯୋଡ଼ୁଅଛି ଦେଶବାସୀଙ୍କୁ ତ
ନିବେଦନ କରେ ପରା ;
ନିଶା ଛାଡ଼ିଦେଲେ ଭଲରେ ରହିବ
ନ ଭୋଗିବ ଦୁଃଖ କାରା।।



ମହିଲୋ, କାଦୁଅପଡା , ଜଗତ୍ ସିଂପୁର